# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 16 April - 2026

**********************************

## ମୁଖ୍ୟ ସମ୍ବାଦ

- ଦେଶର ବିକାଶରେ ନାରୀ ଶକ୍ତିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ; କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ସଂସଦରେ ଆଗତ ହେଲା ତିନୋଟି ବିଧେୟକ
- ରାଜ୍ୟର ନୀଳ ଅର୍ଥନୀତିର ବିକାଶ ପାଇଁ ସାମୁଦ୍ରିକ ପରିବେଶର ସୁରକ୍ଷା ଉପରେ ସରକାରଙ୍କ ଗୁରୁତ୍ୱାରୋପ

ଏବଂ

- ଉତ୍ତାପ ବୃଦ୍ଧି ପାଉଥିବାରୁ ବିଭିନ୍ନ ଅଂଚଳରେ ସ୍କୁଲ ଛୁଟି କରିବା ନେଇ ବିଚାର କରୁଛନ୍ତି ସରକାର

## ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ନିଷ୍ପତ୍ତି ଗ୍ରହଣ କରିବା ପ୍ରକ୍ରିୟାରେ ଦେଶର ୫୦ ପ୍ରତିଶତ ଜନସଂଖ୍ୟାକୁ ସାମିଲ କରିବା ନେଇ ସରକାର ବିଚାର କରୁଛନ୍ତି। ଲୋକସଭାରେ ବର୍ତ୍ତମାନ ଚାଲିଥିବା ମହିଳା ସଂରକ୍ଷଣ ବିଧେୟକ ଆଲୋଚନାରେ ଭାଗ ନେଇ ଶ୍ରୀ ମୋଦୀ କହିଛନ୍ତି, ନୀତି ନିର୍ଦ୍ଧାରଣ ସମୟରେ ମହିଳାମାନଙ୍କ ପ୍ରତିନିଧିତ୍ୱ ନିଶ୍ଚିତ କରିବା ବର୍ତ୍ତମାନ ସମୟର ଆହ୍ୱାନ। ଦେଶର ବିକାଶରେ ନାରୀ ଶକ୍ତିର ପ୍ରମୁଖ ଭୂମିକାକୁ ଅବତାରଣା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ସଂସଦରେ ଆଜି ଆଗତ ହୋଇଥିବା ତିନୋଟି ବିଧେୟକକୁ ବିରୋଧୀ ଦଳ ସମର୍ଥନ କରନ୍ତୁ।

**- V/O –**

ଲୋକସଭାରେ ଆଜି ଆଲୋଚନା ପାଇଁ ସମ୍ବିଧାନର ୧୩୧ତମ ସଂଶୋଧନ ବିଧେୟକ, ସୀମା ନିର୍ଦ୍ଧାରଣ ବିଧେୟକ ଏବଂ କେନ୍ଦ୍ରଶାସିତ ଅଂଚଳ ଆଇନ୍ ସଂଶୋଧନ ବିଧେୟକ ଆଗତ କରାଯାଇଛି। ଏହି ବିଧେୟକଗୁଡ଼ିକ ଦେଶର ଭବିଷ୍ୟତ ନିର୍ଦ୍ଧାରଣ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି। ବିକଶିତ ଭାରତ କେବଳ ଭିତ୍ତିଭୂମି, ରେଳବାଇ, ଅର୍ଥନୈତିକ ସୂଚାକାଙ୍କ ମଧ୍ୟରେ ସୀମିତ ନୁହେଁ; ବରଂ ମହିଳାମାନଙ୍କ ସମାନ ଭାଗୀଦାରିତା ଜରୁରୀ।

ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ କ୍ଷେତ୍ରରେ ଏକ ନୀତି ନିର୍ଦ୍ଧାରଣରେ ସରକାର 'ସବ୍‌କା ସାଥ୍-ସବ୍‌କା ବିକାଶ' ମନ୍ତ୍ର ନେଇ କାର୍ଯ୍ୟ କରୁଛନ୍ତି।

ଦେଶର ସଂସଦୀୟ ଗଣତନ୍ତ୍ରରେ ମହିଳାମାନଙ୍କ ଯୋଗଦାନ କେବଳ ଏକ ସଂଖ୍ୟା ନୁହେଁ; ବରଂ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ନିମନ୍ତେ ଦୃଢ଼ ପ୍ରତିବଦ୍ଧତା ଦର୍ଶାଉଛି ।

## ମୁଖ୍ୟମନ୍ତ୍ରୀ

ଉପକୂଳ ଅର୍ଥନୀତି ଏବଂ ସାମୁଦ୍ରିକ ପରିବେଶ କ୍ଷେତ୍ରରେ ସନ୍ତୁଳନ ରକ୍ଷା କରିବା ଉଦ୍ଦେଶ୍ୟ ନେଇ ରାଜ୍ୟ ସରକାର ମେରାଇନ୍ ସ୍ପାଶିଆଲ୍ ଯୋଜନା କାର୍ଯ୍ୟକାରୀ କରିବେ । ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ପୃଥ୍ୱୀ ବିଜ୍ଞାନ ମନ୍ତ୍ରଣାଳୟ ମଧ୍ୟରେ ଲୋକସେବା ଭବନରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ ପୂଜା ମିଶ୍ର ଏବଂ ଉପକୂଳ ଗବେଷଣା ଜାତୀୟ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଆର.ଏସ୍ କନକରା ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ମେରାଇନ୍ ସ୍ପାଶିଆଲ୍ ଯୋଜନା କାର୍ଯ୍ୟକାରୀ ହେବାଦ୍ୱାରା ରାଜ୍ୟର ନୀଳ ଅର୍ଥନୀତିର ବିକାଶ ହେବ ଏବଂ ସାମୁଦ୍ରିକ ପରିବେଶର ସୁରକ୍ଷା କରାଯାଇପାରିବ । ଶ୍ରୀ ମାଝୀ କହିଛନ୍ତି, ଏହି ଯୋଜନା କାର୍ଯ୍ୟକାରୀ ହେଲେ ସାମୁଦିକ୍ର ଜୀବଜନ୍ତୁ ପୂର୍ବାପେକ୍ଷା ଅଧିକ ସୁରକ୍ଷିତ ରହିବେ ।

୨୦୧୯ ମସିହାଠାରୁ ଭାରତ ଓ ନରୱେ ସରକାରଙ୍କ ମିଳିତ ସହଯୋଗରେ ସମାବେଶୀ ସାମୁଦ୍ରିକ ଯୋଜନା ପ୍ରଥମ ପର୍ଯ୍ୟାୟରେ

ପୁଡୁଚେରୀ ଓ ଲାକ୍ଷା ଦ୍ୱୀପରେ କାର୍ଯ୍ୟକାରୀ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ମେରାଇନ୍ ସ୍ପାଶିଆଲ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ଯୋଜନା, ମତ୍ସ୍ୟଚାଷ, ପର୍ଯ୍ୟଟନ, ବନ୍ଦର, ସାମୁଦ୍ରିକ ଶକ୍ତି କ୍ଷେତ୍ରଗୁଡ଼ିକର ମୌଳିକ ଆବଶ୍ୟକତା ପୂରଣ କରିବା ସହିତ ସାମୁଦ୍ରିକ ଇକୋ ସିଷ୍ଟମର ସୁଦୃଢ଼ୀକରଣ ତଥା ସୁରକ୍ଷା ଦିଗରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୩୬ ସମୃଦ୍ଧ ଓଡ଼ିଶା ଓ ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ପୂରଣ ପାଇଁ ଉପକୂଳ ଅର୍ଥନୀତି ଓ ସାମୁଦ୍ରିକ ପରିବେଶ ସୁରକ୍ଷା ଅତ୍ୟନ୍ତ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

## ସ୍କୁଲ ଛୁଟି

ରାଜ୍ୟର ବିଭିନ୍ନ ଅଂଚଳରେ ରୌଦ୍ରତାପ ବୃଦ୍ଧି ପାଉଥିବାରୁ ସ୍କୁଲ ଛୁଟି କରିବା ନିମନ୍ତେ ସରକାର ବିଚାର କରୁଥିବା ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ସେ କହିଛନ୍ତି, ପିଲାମାନଙ୍କ ସୁରକ୍ଷାକୁ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଉଛି। ତେବେ ସ୍ୱତନ୍ତ୍ର ରିଲିଫ କମିଶନର ଗ୍ରୀଷ୍ମପ୍ରକୋପର ସମୀକ୍ଷା କରିବା ପରେ ଖରାଛୁଟି ନିଷ୍ପତ୍ତି ନିଆଯିବ। ଅନ୍ୟପକ୍ଷରେ, ଅସହ୍ୟ ଗରମ ଅନୁଭୂତ ହେଉଥିବା ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କ ରିପୋର୍ଟ ଆଧାରରେ ଛୁଟି ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

**- V/O - (ନିତ୍ୟାନନ୍ଦ ଗଣ୍ଡ)**

## ସୁଭଦ୍ରା–ନାରୀଶକ୍ତି ବନ୍ଦନ

ସୁଭଦ୍ରା ଶକ୍ତି ମହିଳା ସଶକ୍ତୀକରଣ ଅଧୀନରେ ରାଜ୍ୟର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ପଦଯାତ୍ରା ଓ ସାଧାରଣ ସଭା ଆୟୋଜନ ହେଉଛି ।

**ନୟାଗଡ଼** ଜିଲ୍ଲା ମୁଖ୍ୟାଳୟରେ ଆଜି ମହିଳା ସଶକ୍ତୀକରଣ ଅଧିକାର ଓ ସଂରକ୍ଷଣ ବିଷୟରେ ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଅଭିଯାନରେ ୭୦୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନେ ଭାଗ ନେଇଥିଲେ । ଏହି ଅଭିଯାନ ମାଧ୍ୟମରେ ମହିଳାମାନଙ୍କୁ ସମ୍ବିଧାନ ପ୍ରଦତ୍ତ ଅଧିକାର, ସଂରକ୍ଷଣ, ଆର୍ଥିକ ସ୍ୱାବଲମ୍ବନ ଭଳି ବିଷୟ ଉପରେ ସୂଚନା ପ୍ରଦାନ କରାଯାଇଥିଲା ।

**ମାଲକାନଗିରି** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସଂସ୍କୃତିଭବନ ପର୍ଯ୍ୟନ୍ତ ସୁଭଦ୍ରା ଶକ୍ତି ମହିଳା ସଶକ୍ତୀକରଣ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜ ସିର୍କେ ମହିଳାମାନଙ୍କ ଆତ୍ମବିଶ୍ୱାସ ଓ ଏକତା ହିଁ ସମୃଦ୍ଧ ସମାଜର ପ୍ରକୃତ ଶକ୍ତି ବୋଲି କହିଛନ୍ତି ।

**କେନ୍ଦ୍ରାପଡା** ଜିଲ୍ଲାରେ ନାରୀ ଶକ୍ତି ବନ୍ଦନ ପଦଯାତ୍ରା ଆୟୋଜିତ ହୋଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦ୍ୱାରା ଦେଶ ବିକାଶରେ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ବୋଲି ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି ।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ସଫଳ ରୂପାୟନ ପାଇଁ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ଯୋଜନା ଅଧୀନରେ ଆସନ୍ତା ଏପ୍ରିଲ ୨୧ ତାରିଖରେ ସଠିପୁର ସ୍ଥିତ ଲିଙ୍ଗେଶ୍ୱର ମନ୍ଦିର ପରିସରରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସାମୂହିକ ବିବାହ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ପୂର୍ବରୁ ବଛା ହୋଇଥିବା ୬୭ ଜଣ ବର କନ୍ୟାଙ୍କ ବିବାହ କାର୍ଯ୍ୟ ସମ୍ପାଦନ ହେବ। କାର୍ଯ୍ୟକ୍ରମର ସଠିକ୍ ପରିଚାଳନା ପାଇଁ ଆଜି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ହୋଇଥିବା ପ୍ରସ୍ତୁତି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ପ୍ରଶିକ୍ଷଣ ଶିବିର

**ନୟାଗଡ଼** ଜିଲ୍ଲାର ସମସ୍ତ ମଧ୍ୟସ୍ଥତା କରୁଥିବା ଆଇନଜୀବୀମାନଂକୁ ନେଇ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ରେଜିଷ୍ଟ୍ରାର ସୋନାଲୀ ସରିତା ଓ ବରିଷ୍ଠ ଦେଓ୍ୱାନୀ ବିଚାରପତି ରବି ନାରାୟଣ ବେହେରା ଯୋଗଦେଇ ଗୁରୁତ୍ୱପୂର୍ଣ୍ଣ ବିବାଦଗୁଡ଼ିକର ସମାଧାନ କ୍ଷେତ୍ରରେ ମଧ୍ୟସ୍ଥତା ପ୍ରକ୍ରିୟାର ଭୂମିକା ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଅଞ୍ଜଳି ମଛଖଣ୍ଡ ସଫଳ ମଧ୍ୟସ୍ଥତା ପ୍ରଣାଳୀ ଉପରେ ପ୍ରଶିକ୍ଷଣ ଦେଇଥିଲେ।

## କ୍ରୟ କମିଟି ବୈଠକ

**ମାଲକାନଗିରି**ରେ ୨୦୨୫-୨୬ ରବି ଋତୁପାଇଁ ମୁଗ-ବିରି ଓ ଚିନାବାଦାମର ସର୍ବନିମ୍ନ ସହାୟକ ମୂଲ୍ୟ-ଏମ୍ଏସ୍ପି ଧାର୍ଯ୍ୟ କରିବା ନେଇ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକରେ ଆଲୋଚନା ହୋଇଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସମନ୍ୱୟ ରକ୍ଷା କରି ଶସ୍ୟ ସଂଗ୍ରହ ପ୍ରକ୍ରିୟାକୁ ସଠିକ ଢଙ୍ଗରେ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ମୂଲ୍ୟରେ ଯେପରି ସୁବିଧାରେ ଚାଷୀମାନେ ଶସ୍ୟ ବିକ୍ରୟ କରିପାରିବେ; ସେ ନେଇ ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ବୈଠକରୁ ଜଣାପଡିଛି ।

## ଖୋ-ଖୋ ପ୍ରତିଯୋଗିତା

**ନୟାଗଡ଼** ଷ୍ଟାଡିୟମ୍ଠାରେ ଆଜି ମୁଖ୍ୟମନ୍ତ୍ରୀ ଟ୍ରଫି ଆନ୍ତଃକ୍ଲବ୍ ଓ ଆନ୍ତଃଜିଲ୍ଲା ଖୋ-ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କ୍ରୀଡା ବିଭାଗ ଓ ଆଥଲେଟିକ୍ସ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଖୋ-ଖୋ ପ୍ରତିଯୋଗିତାକୁ ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଉଦ୍‌ଘାଟନ କରିଥିଲେ ।

## ପାଣିପାଗ

ରାଜ୍ୟର ୧୧ଟି ଜିଲ୍ଲାକୁ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଗରମ ଓ ଗୁଳୁଗୁଳି ଅନୁଭୂତ ହେବା ନେଇ ସତର୍କତା ଜାରି କରାଯାଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଗରମ ଓ ଗୁଳୁଗୁଳି ଅନୁଭୂତ ହେବ । ସେହି ସମୟ ମଧ୍ୟରେ

ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବା ସହିତ ଦିନ ତାପମାତ୍ରା ୨ ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ସମ୍ଭାବନା ରହିଛି ।

ଅନ୍ୟପକ୍ଷରେ, ଝଡ ଓ ବଜ୍ରପାତ ନେଇ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ୧୮ଟି ଜିଲ୍ଲାକୁ ସତର୍କତା ଜାରି କରାଯାଇଛି ।